# 7ମ ଭାରତ ମହାସାଗର ସମ୍ମିଳନୀରେ ଯୋଗ ଦେବା ପାଇଁ ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କରଙ୍କ ପର୍ଥ, ଅଷ୍ଟ୍ରେଲିଆ ଗସ୍ତ

ଫେବୃଆରୀ 08, 2024

ଭାରତ ମହାସାଗର ସମ୍ମିଳନୀ ହେଉଛି ଭାରତ ମହାସାଗର ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ପ୍ରମୁଖ ପରାମର୍ଶଦାତା ମଞ୍ଚ, ଯାହା ପ୍ରତିବର୍ଷ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଇଣ୍ଡିଆ ଫାଉଣ୍ଡେସନ ସହଯୋଗରେ ଆୟୋଜିତ ହୋଇଥାଏ ।

2. ଭାରତ ମହାସାଗର ସମ୍ମିଳନୀର ସପ୍ତମ ସଂସ୍କରଣ 9-10 ଫେବୃଆରୀ, 2024ରେ ଅଷ୍ଟ୍ରେଲିଆର ପର୍ଥଠାରେ ଅଷ୍ଟ୍ରେଲିଆ ସରକାରଙ୍କ ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ବିଭାଗ, ସିଙ୍ଗାପୁରର ଏସ ରାଜାରତ୍ନମ୍ ସ୍କୁଲ ଅଫ୍ ଇଣ୍ଟରନ୍ୟାସନାଲ ଷ୍ଟଡିଜ୍ ଏବଂ ଅଷ୍ଟ୍ରେଲିଆର ପର୍ଥ-ୟୁଏସ ଏସିଆ ସେଣ୍ଟରର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି । ସମ୍ମିଳନୀର ଏହି ସଂସ୍କରଣର ବିଷୟବସ୍ତୁ ହେଉଛି "ଏକ ସ୍ଥିର ଏବଂ ସ୍ଥାୟୀ ଭାରତ ମହାସାଗର ଦିଗରେ" ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର, ଶ୍ରୀଲଙ୍କାର ରାଷ୍ଟ୍ରପତି ମହାମହିମ ଶ୍ରୀ ରାନିଲ ବିକ୍ରମସିଂହେ, ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଶ୍ରୀ ପେନି ୱଙ୍ଗ ଏବଂ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଭିଭିଆନ୍ ବାଲକ୍ରିଷ୍ଣନ୍ ଏହି ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିବେ ।

4. 7ମ ଭାରତ ମହାସାଗର ସମ୍ମିଳନୀରେ 22ରୁ ଅଧିକ ଦେଶର ମନ୍ତ୍ରୀ ଏବଂ 16ଟି ଦେଶ ଏବଂ 6ଟି ବହୁପକ୍ଷୀୟ ସଂଗଠନର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଏକାଠି ହେବେ । ଏହି ସମ୍ମିଳନୀରେ ପ୍ରାୟ 40ଟି ଦେଶର 400ରୁ ଊର୍ଦ୍ଧ୍ୱ ସାମାଜିକ ଓ କର୍ପୋରେଟ୍ ନେତା, ନୀତି ନିର୍ଦ୍ଧାରକ, ବିଦ୍ୱାନ, ବୁଦ୍ଧିଜୀବି ଏବଂ ଗଣମାଧ୍ୟମ କର୍ମଚାରୀମାନେ ଅଂଶଗ୍ରହଣ କରିବେ ।

5. ସମ୍ପୃକ୍ତ ଅଞ୍ଚଳରେ ସମସ୍ତଙ୍କ ପାଇଁ ସୁରକ୍ଷା ଓ ଅଭିବୃଦ୍ଧି (ସାଗର) ନିମନ୍ତେ ଏହା 2016ରେ ସିଙ୍ଗାପୁରରେ ଆରମ୍ଭ ହେବା ପରଠାରୁ ଭାରତ ମହାସାଗର ସମ୍ମିଳନୀ ଏହି ଅଞ୍ଚଳର ସମସ୍ତ ଦେଶ ଏବଂ ପ୍ରମୁଖ ସାମୁଦ୍ରିକ ସହଯୋଗୀମାନଙ୍କୁ ଏକ ସମାନ ମଞ୍ଚରେ ଏକାଠି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

6. ଏଠାରେ ଏହି ସମ୍ମିଳନୀ ବିଷୟରେ ଅଧିକ ବିବରଣୀ ମିଳିପାରିବ:
https://indiafoundation.in/if_events/7th-indian-ocean-conference-2024/

**ନୂଆଦିଲ୍ଲୀ**
**ଫେବୃଆରୀ 08, 2024**